Bhubaneswar Edition

ସମାଜ
The Samaja

# ଆଇଆଇଟିରେ କୋଭିଡ୍ ଟିକାକରଣ

ଜଟଣୀ, ୧୯।୬ (ନି.ପ୍ର): କରୋନା ସଂକ୍ରମଣରୁ ଆଇଆଇଟି ପରିସରକୁ ରକ୍ଷା କରିବା ନିମନ୍ତେ ଜଟଣୀ ଅରଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟିରେ କୋଭିଡ୍ ଟିକାକରଣ ଚାଲିଥିବା ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାର ସୂଚନା ଦେଇଛନ୍ତି। କରୋନାର ପ୍ରଥମ ଲହରରେ ନଭେମ୍ବର ୨୦ରେ ଆଇଆଇଟି ପରିସରରେ ୫ ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲା; କିନ୍ତୁ ଦ୍ୱିତୀୟ ଲହରରେ ଅଳ୍ପ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲେ ମଧ୍ୟ ଆଇଆଇଟିର କୋଭିଡ୍ ନିବାରଣ କାର୍ଯ୍ୟବାହୀ ଦଳ



(ଟାସ୍କ ଫୋର୍ସ)ର ଉଦ୍ୟମ ଫଳରେ କରୋନାକୁ ନିୟନ୍ତ୍ରିତ କରାଯାଇଥିଲା। କରୋନା ସଂକ୍ରମଣରୁ ଛାତ୍ରଛାତ୍ରୀ, ଶିକ୍ଷା କର୍ମଚାରୀ ଓ ସେମାନଙ୍କ ପରିବାର ଏବଂ ଠିକା ସଂସ୍ଥା ଦ୍ୱାରା ନିଯୁକ୍ତ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ରକ୍ଷା କରିବା ନିମନ୍ତେ ଖୋର୍ଦ୍ଧା ଓ ଭୁବନେଶ୍ୱରର ବିଭିନ୍ନ ଟିକାକରଣ କେନ୍ଦ୍ରରେ ଟିକାକରଣ କରାଯାଇଛି। ଭାରତ ସରକାରଙ୍କ ଶିକ୍ଷା ବିଭାଗ ଏବଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହଯୋଗ ଯୋଗୁଁ ଆଇଆଇଟିରେ ଟିକାକରଣ ସମ୍ଭବ ହେଲା ବୋଲି ଆଇଆଇଟିର ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।